# Akashvani, Sambalpur

# SAMBALPURI NEWS EVENING BULLETIN

# 4 April 2026-7.02- 7.12 pm.

---

୧- ଶିକ୍ଷା ଖାଲି ପାଠ୍ ପଢ଼ା ନୁହେଁ, ସଂସ୍କାର୍ ଆଉ ସମୃଦ୍ଧ ଜୀବନ୍ ଗଠନ୍‌ର ଭିତିଭୂମି ଆଏ- କହେଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟସ୍ତରୀୟ ଖଡ଼ିଛୁଆଁ ଆଉ ପ୍ରବେଶ୍ ଉତ୍ସବ୍ କାର୍ଯ୍ୟକ୍ରମ୍‌ଥି ଦେଲେ ଯୋଗ୍ ।

- ଓଡ଼ିଆ ପକ୍ଷ ଅବ୍‌ସରେ ସାରା ରାଏଜେ ପାଳନ୍ ହେଲା 'ଓଡ଼ିଆଥି ନାଁଫଳକ ଲେଖା' ଅଭିଯାନ୍ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧକ୍ଷତାଥି ଚାଲିଛେ ରାଜ୍ୟ କେବିନେଟ୍‌ର ବୈଠକ୍ ।

ଆଉର୍

୩- ଆଇଆଇଏମ୍ ସମ୍ବଲ୍‌ପୁର୍‌ର ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଲେ ରାଜ୍ୟପାଲ୍ ।

- ୪ ଶହ ୧୬ ଝନ୍‌କୁ ଡିଗ୍ରୀ ପ୍ରଦାନ୍ ।

ଖଡ଼ିଛୁଆଁ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଖଡ଼ିଛୁଆଁ ଆଉ ପ୍ରବେଶ୍ ଉତ୍ସବ୍ ପାଲନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍‌ର ସର୍‌କାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ନ ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରମ୍ପରା ଆଉ ଜ୍ଞାନ୍‌ର ତାଲ୍‌ମେଲ୍ ହେଉଛେ ଖଡ଼ିଛୁଆଁ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଶିକ୍ଷା ଖାଲି ପାଠ୍ ପଢ୍‌ବାର୍‌ଟା ନୁହେଁ, ଇଟା ଗୁଟେ ସଂସ୍କାର୍ ଆଉ ସମୃଦ୍ଧ ଜୀବନ୍ ଗଠନ୍‌ର ଭିତିଭୂମି ଆଏ । ଶହେ ପ୍ରତିଶତ୍ ନାଁଲେଖା ଲକ୍ଷ୍ୟ ହାସଲ୍ ଲାଗି ଇ ବଛର୍ ୫ ଲାଖ୍ ନିମନ୍ତ୍ରଣ ପତ୍ର ଅଭିଭାବକ୍ ମାନ୍‌କୁ ବଁଟାଯାଇଛେ । ରାଜ୍ୟର୍ ଶିକ୍ଷା ଇତିହାସ୍‌ଥି ନୂଆଁ ପରିବର୍ତନ୍ ଆନ୍‌ବାର୍ ଲାଗି ଖଡ଼ିଛୁଆଁ ଆଉ ପ୍ରବେଶ୍ ଉତ୍ସବ୍ ପାଲନ୍ କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଛାତ୍ରଛାତ୍ରୀମାନ୍‌କୁ ଗୁଣାତ୍ମକ ଶିକ୍ଷା ଦେବାର୍ ଲାଗି ଫି’ ବଛର୍ ୧୫ ହଜାର୍ ଶିକ୍ଷକଙ୍କୁ ନିଯୁକ୍ତି ଦେବାର୍‌କେ ସର୍‌କାର୍ ନିଯୁକ୍ତି ଦେଇଛନ୍ । ଇତାର୍‌ସହେତେ ସବୁ ବିଦ୍ୟାଳୟ ନ ଆନୁସଙ୍ଗିକ ବ୍ୟବସ୍ଥା ଯୁଗେଇ ଦିଆଯିବା । ଗଲା ୨୧ ମାସ୍ ଭିତ୍‌ରେ ୨୨ ହଜାର୍ ଶିକ୍ଷକଙ୍କୁ ସର୍‌କାର୍ ନିଯୁକ୍ତି ଦେଇଛନ୍ ।

ଫି’ ପଂଚାୟତ୍ ନ ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର୍ ଶୁଭାରମ୍ଭ କରାଯାଇଛେ । ରାଜ୍ୟର୍ କେନ୍‌ସି ଭିଲ୍ ଛୁଆ ଯେନ୍ତା ଶିକ୍ଷା ନୁ ବଂଚିତ୍ ନାଇଁ ହେବେ ସେଟା ସୁନିଶ୍ଚିତ କର୍‌ବାର୍ ଲାଗି ପ୍ରବେଶ୍ ଉତ୍ସବ୍ ମୁଲ୍ କରାଯାଇଛେ । ସମୃଦ୍ଧ ଆଉ ବିକଶିତ ଓଡ଼ିଶା ଗଠନ୍ ଦିଗେ ଛୋଟ ଛୁଆମାନ୍‌କର୍ ଅବଦାନ୍ ଆଏବା ଦିନେ ବହୁତ୍ ମହତ୍ୱ ରଖିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଓଡ଼ିଆରେ ନାମଫଳକ ଅଭିଯାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ ଦେବ୍‌ଗଡ଼/ କଲାହାଣ୍ଡି

ଓଡ଼ିଶାର୍ ସାଂସ୍କୃତିକ୍ ଐତିହ୍ୟର୍ ପ୍ରଚାର୍ ପ୍ରସାର୍ ଲାଗି ଇ ମାସର୍ ୧ ତାରିଖ୍‌ନୁ ମୁଲ୍ ହେଇଥିବା ଓଡ଼ିଆ ପକ୍ଷର୍ ୪ ନମ୍ବର୍ ଦିନେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ 'ଓଡ଼ିଆଥି ନାଁଫଳକ ବାଦ୍ ଅଭିଯାନ୍' ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍ ତର୍‌ଫୁ ସବୁ ଦୁକାନ୍ ଆଉ ବାଣିଜ୍ୟିକ ପ୍ରତିଷ୍ଠାନ୍ ମାନ୍‌କେ ଓଡ଼ିଆ ଭାଷାଥି ନାଁ ଫଲକ୍ ଲେଖିବାର୍ ଲାଗି ଗୁଟେ ସଚେତନତା ପଦଯାତ୍ରା ଭୁବ୍‌ନେଶ୍ୱର୍ ନ ମୁଲ୍ ହେଇଛେ । ମାଷ୍ଟର୍ କେଂଟିନ୍ ଠାନେ ବିଭାଗ୍‌ର ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ପଦଯାତ୍ରାର୍ ଉଦ୍‌ଘାଟନ୍ କରିଛନ୍ ।

ସାରାରାଏଜେ ଭିଲ୍ ଇ ଅବ୍‌ସରେ ସଚେତନତା କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସହରର୍ ନେଲ୍‌ସନ୍ ମଣ୍ଡେଲା ଛକ୍ ନ ଇ ଅବ୍‌ସରେ ଗୁଟେ ସଚେତନତା ପଦଯାତ୍ରା ବାହାରିଥିଲା । ପଦଯାତ୍ରା ସହର୍ ପରିକ୍ରମା କରିକରି ଓଡ଼ିଆଥି ନାଁଫଳକ୍ ଲେଖିବାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ଶ୍ରମ ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଇ ଅବ୍‌ସରେ ଗୁଟେ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇକରି

ଓଡ଼ିଆ ଭାଷା ବେଭାର୍ ଉପ୍‌ରେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ଝାର୍‌ସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଇ ଅବ୍‌ସରେ ଗୁଟେ ସଚେତନତା ପଦଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟନୁ ବାହାରିଥିବା ପଦଯାତ୍ରାକେ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ଶୁଭାରମ୍ଭ କରିଥିଲେ । ପଦଯାତ୍ରା ସହରେ ବୁଲିକରି ଭିନ୍ ଭିନ୍ ଦୁକାନ୍ ବଜାର୍ ଆଉ ବାଣିଜ୍ୟିକ ପ୍ରତିଷ୍ଠାନ୍ ଆଉ କାର୍ଯ୍ୟାଳୟ ମାନ୍‌କେ ଓଡ଼ିଆ ଭାଷାଥି ନାଁଫଲକ୍ ଲେଖିବାର୍ ଲାଗି ତହଁକେଇଥିଲା ।

କଲାହାଣ୍ଡି ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶ୍ରମ ବିଭାଗ୍ ତର୍‌ଫୁ ଭବାନୀପାଟ୍‌ନା ନ ହେଇଥିବା ଓଡ଼ିଆ ନାଁଫଲକ ଲେଖା ପଦଯାତ୍ରାଥି ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଶୋଭାଯାତ୍ରାଥି ଜିଲ୍ଲା ପ୍ରଶାସନ୍ ଆଉ ଶ୍ରମ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ଓଡ଼ିଆ ଭାଷାଥି ନାଁଫଲକ ଲେଖିବାର୍ ଲାଗି ଲୁକ୍‌କୁ ସଚେତନ୍ କରିଥିଲେ ।

ରାଜ୍ୟ କେବିନେଟ୍ ବୈଠକ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ଚାଲିଛେ । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ୭ ଟା ନୁ ଅଏତ୍‌କା ଜରୁରୀ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ସେଥିର୍‌ଭିତ୍‌ରୁ ନିର୍ମାଣ୍ ବିଭାଗ୍‌ର ୨ ଟା, ସ୍ୱାସ୍ଥ୍ୟ, ଜଲ୍‌ସମ୍ପଦ୍, ରାଜସ୍ୱ ବିଭାଗ୍‌ର ପ୍ରସ୍ତାବ୍ ମାନ୍ ରହିଥିବାର୍ ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ ।

ବିଶ୍ୱ ଏଥ୍‌ଲେଟିକ୍ ଚାମ୍ପିଆନ୍‌ସିପ୍ ପତାକା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଏଜ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ୨୦୨୮ ମସିହା ନ ରାଏଜେ ହେବାର୍‌କେ ଥିବା ବିଶ୍ୱ ଏଥ୍‌ଲେଟିକ୍ ଚାମ୍ପିଆନ୍‌ସିପ୍‌ର ପତାକା ପ୍ରଦାନ୍ କରିଛନ୍ ।

ପତାକା ଗ୍ରହଣ୍ କର୍‌ବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ କହିଛନ୍, ଇଟା ଗୁଟେ ଐତିହାସିକ୍ ମୁହୂର୍ତ ଆଏ ଆଉ ଇଥିର୍‌ଲାଗି କାଉଂଟ୍‌ଡାଉନ୍ ମୁଲ୍ ହେବାର୍ ସହେତେ ଇ ପତାକା ମହତ୍ୱକାଂକ୍ଷା, ଗର୍ବ ଆଉ ସାରା ପୁର୍‌ଥିର୍ ଲାଗି ଗୁଟେ ପ୍ରତିଶ୍ରୁତିର୍ ପ୍ରତୀକ ହେଇଛେ । ଇଥିର୍‌ଲାଗି ଭାରତ୍ ଆଉ ଓଡ଼ିଶା ପ୍ରସ୍ତୁତ୍ ଅଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଓଡ଼ିଆ ପକ୍ଷ-ଐତିହ୍ୟ ଗଣଦୌଡ଼ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ପକ୍ଷ ପାଲନ୍‌ର ୫ ନମ୍ବର୍ ଦିନେ ଆଏବା କାଏଲ୍ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ଐତିହ୍ୟ ଗଣଦୌଡ଼ର ଆୟୋଜନ୍ କରାଯାଉଛେ । ଆଏବା କାଏଲ୍ ସଖାଲର୍ ସାଢ଼େ ୫ ବଜେ ଭୁବ୍‌ନେଶ୍ୱର୍ ମୁକ୍ତେଶ୍ୱର୍ ମନ୍ଦିର୍‌ନୁ ଗଣଦୌଡ଼ ବାହାରିବା । ସହର୍ ପରିକ୍ରମା ଉତ୍‌ରୁ ଗଣଦୌଡ଼ ରାଜାରାଣୀ ମନ୍ଦିର୍‌କେ ପୁହୁଁଚିବା ବଲି କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଇଆଇଏମ୍ ସମ୍ବଲ୍‌ପୁର୍- ସମାବର୍ତନ୍   ସମ୍ବଲପୁର ସମ୍ବାଦଦାତା

ଦେଶ ନିର୍ମାଣଥି ଆଇଆଇଏମ୍ ନୁ ପାଠ୍‌ପଢ଼ିକରି ବାହାରୁଥିବା ଛାତ୍ରଛାତ୍ରୀମାନେ ଭାଗୀଦାର୍ ହଉନ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଆଇଆଇଏମ୍ ସମ୍ବଲ୍‌ପୁର୍‌ର ୧୦ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି କମ୍ ସମିଆ ଭିତ୍‌ରେ ଇ ଶିକ୍ଷାନୁଷ୍ଠାନ୍ ବହୁତ୍‌ଟେ ନାଁ କରିଛେ ବଲି ପ୍ରଶଂସା କରିଛନ୍ । ଆଝିରର୍ ସମାବର୍ତନ୍ ଉତ୍ସବ୍‌ଥି ରାଜ୍ୟପାଲ୍ ୪ ଶହ ୧୬ ଝନ୍‌କୁ ଡିଗ୍ରୀ ପ୍ରଦାନ୍ କରିଛନ୍ । ସେଥିର୍‌ଭିତ୍‌ରେ ୫ ଝନ୍ ପିଏଚ୍‌ଡି, ୫ ଝନ୍ ଓ୍ବାର୍କିଂ ପ୍ରଫେସ୍‌ନାଲ୍ ଭାବେ ଡିଗ୍ରୀ ହାସଲ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଆଇଆଇଏମ୍ ବୋର୍ଡ଼ ଗଭର୍ଣ୍ଣର୍ ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ୍ ଚୌଧୁରୀ, ଶିକ୍ଷାନୁଷ୍ଠାନ୍‌ର ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଯୟସ୍ୱାଲ୍ ଉପସ୍ଥିତ୍ ଥିଲେ ।

ଗଙ୍ଗାଧର୍ ମେହେର୍ ପୂଣ୍ୟତିଥି        ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱଭାବ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ପୂଣ୍ୟତିଥି ଅବ୍‌ସରେ ରାଜ୍ୟବାସୀ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ଗଙ୍ଗାଧର୍‌ଙ୍କର୍ କାଳଜୟୀ ରଚନା ଓଡ଼ିଆ ଭାଷା ଆଉ ସଂସ୍କୃତିକେ ବିଶ୍ୱ ଦର୍‌ବାର୍ ନ ଗୁଟେ ନୂଆଁ ପରିଚୟ ଆନିଦେଇଛେ । ତପସ୍ୱିନୀ, ପ୍ରଣୟବଲ୍ଲରୀ, କିଚକବଧ ବାଗିର୍ କାବ୍ୟ ଓଡ଼ିଆ ସାହିତ୍ୟକେ ଆହୁରି ବର୍‌କସ୍ କରିଛେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ୍ ଗଠନ୍ ଦିଗେ ଗଙ୍ଗାଧର୍ ମେହେର୍‌ଙ୍କର୍ ଭୂମିକା ପିଢ଼ି ପିଢ଼ି ଧରି ତହିଁକେଇ ଆସୁଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ପରିସର୍ ନ ଥିବା ସ୍ୱଭାବ କବିଙ୍କର୍ ପ୍ରତିମୂର୍ତ୍ତିଥି ଇ ଅବ୍‌ସରେ ଆଏଜ୍ ମାଲ୍ୟାର୍ପଣ୍ କରିଛନ୍ । ମାତୃଭାଷା ତାଙ୍କର୍ ଅବଦାନ୍, ଅନନ୍ୟ ମମତା ଆଉ ସଂସ୍କାର୍‌ର ବାର୍ତା ସବୁବେଲେ ପ୍ରେରଣାର୍ ଉତ୍ସ ହେଇ ରହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶ୍ରଦ୍ଧାଞ୍ଜଳି ଜନେଇକରି ଓଡ଼ିଆ ସାହିତ୍ୟ ଜଗତ୍‌ର କାଳଜୟୀ ସ୍ରଷ୍ଟା କବି ସବୁବେଲେ ଓଡ଼ିଶାବାସୀଙ୍କର୍ ମନେ ସୁର୍‌ତା ହେଇକରି ରହେବେ ବଲି କହିଛନ୍ ।

କୁଳପତି ନିଯୁକ୍ତି ପ୍ରକ୍ରିୟା        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବିଶ୍ୱବିଦ୍ୟାଳୟମାନ୍‌କେ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ୍ ଖେପ୍‌ଥି ପୁହୁଁଚିଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍, ବିଶ୍ୱବିଦ୍ୟାଳୟ ସଂରକ୍ଷଣ ସଂଶୋଧନ୍ ଆଇନ୍ ଆସ୍‌ବାର୍ ଉତ୍‌ରୁ ପ୍ରକ୍ରିୟାଥି ସୁଧାର୍ ଆସିଛେ । ବିଶ୍ୱବିଦ୍ୟାଳୟମାନ୍‌କେ ଖାଲି ପଡ଼ିଥିବା ୧ ହଜାର୍ ୪ ଶହ ପଦ୍‌ବୀ ଖୋବ୍ ଜଲ୍‌ଦି ପୁରା କରାଯିବା । ଅଣଶିକ୍ଷକ ପଦ୍‌ବୀ ପୂରଣ୍ ଲାଗି ଏସ୍‌ଏସ୍‌ବି କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜୁଲାଇ ମାସ୍ ଆଘୋନୁ ୩ ଶହ ୮୫ ସହକାରୀ ପ୍ରାଧ୍ୟାପକ ପଦ୍‌ବୀ ପୂରଣ୍ ଲାଗି ଓପିଏସ୍‌ସି କେ ଦାୟିତ୍ୱ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।
(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ପର୍ଯ୍ୟଟନ୍ କ୍ଷେତ୍ର -ସଚିବ ସ୍ତରୀ ବୈଠକ୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ପର୍ଯ୍ୟଟନ୍ କ୍ଷେତ୍ର ଆଏବା ଦିନେ 'ଥିଙ୍କ୍ ଇଣ୍ଡିଆ- ଥିଙ୍କ୍ ଓଡ଼ିଶା' ବାର୍ତା ନେଇକରି ଆଗ୍‌କେ ବଢ଼୍‌ବା ବଲି ମୁଖ୍ୟ

ଶାସନ୍ ସଚିବ ଅନୁ ଗର୍ଗ କହିଛନ୍ । ଭୁବ୍‌ନେଶ୍ୱର୍ ନ ଆଏଜ୍ ଶ୍ରୀମତୀ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟର୍ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ ଲାଗି ଗୁଟେ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ଓଡ଼ିଶା ପର୍ଯ୍ୟଟନ୍‌ର ବିକାଶ୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ବହୁତ୍‌ଟେ ପଦକ୍ଷେପ୍ ନିଆଯାଉଛେ ।

ରାଜ୍ୟ ସ୍କୁଲ୍- ଏନ୍‌ସିଇଆର୍‌ଟି ବହି ହି.ସ.

ନୂଆଁ ଜାତୀୟ ଶିକ୍ଷା ନୀତି ଅନ୍‌ସାରେ ସବୁ ଛାତ୍ରଛାତ୍ରୀ ଏନ୍‌ସିଇଆର୍‌ଟି ବହି ପଢ଼୍‌ବେ । ସବୁ ଘରୋଇ ବିଦ୍ୟାଲୟମାନ୍‌କେ ଭିଲ୍ ଏନ୍‌ସିଇଆର୍‌ଟି ବହି ଦେବାରଟା ବାଧ୍ୟତାମୂଲକ୍ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଘରୋଇ ବିଦ୍ୟାଲୟମାନେ ଏନ୍‌ସିଇଆର୍‌ଟି ବଦ୍‌ଲେ ନିଜର୍ ପ୍ରକାଶକ୍‌ମାନ୍‌କର୍ ବହି ବିକ୍ରି କରୁଥିବାର୍ ଅଭିଯୋଗ୍ ହେବାର୍ ଉତ୍‌ରୁ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ଘରୋଇ ବିଦ୍ୟାଲୟମାନ୍‌କୁ ସର୍‌କାରୀ ନିୟମ୍ ମାନ୍‌ବାର୍‌କେ ପଡ଼୍‌ବା । ନିୟମ୍ ନାଇଁ ମାନ୍‌ଲେ ତାଙ୍କର୍

ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ ।

ଅତିଥି ଶିକ୍ଷକ ନିଯୁକ୍ତି ହି.ସ.

୨୦୨୬-୨୭ ଶିକ୍ଷା ବଛର୍ ଲାଗି ଓଡ଼ିଶା ନ ଅତିଥି ଶିକ୍ଷକ ନିଯୁକ୍ତି ଲାଗି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛେ । ବିଦ୍ୟାଳୟ ମାନ୍କେ ଶିକ୍ଷକ ଅଭାବ୍ ପୂରଣ୍ କର୍ବାର୍ ଲାଗି ଅବସର ପ୍ରାପ୍ତ ଶିକ୍ଷକ୍ ମାନ୍କୁ ଇଥି ଫେର୍ଘାଏ ନିୟୋଜିତ କରାଯାଉଛେ । ସର୍କାରୀ, ସାହାଜ୍ ପାଉଥିବା ଆଉ ବ୍ଲକ୍ ଗ୍ରାଂଟ୍ ଉଚ୍ଚବିଦ୍ୟାଳୟ ସହେତେ ସଂସ୍କୃତ୍ ଟୋଲ୍ ମାନ୍କେ ଅତିଥି ଶିକ୍ଷକଙ୍କର୍ ଦର୍କାର୍ ବାବ୍ଦେ ପ୍ରସ୍ତାବ୍ ଦାଖଲ୍ କର୍ବାର୍କେ ଜିଲ୍ଲା ଶିକ୍ଷାଧିକାରୀମାନ୍କୁ କୁହାଯାଇଛେ । ଆଏବା ୯ ତାରିଖ୍ ଭିତ୍ରେ ପ୍ରସ୍ତାବ୍ ଦେବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଉଠା ଜଲ୍ସେଚନ୍ ବିଭାଗ୍ ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୃହତ୍ ଉଠା ଜଲ୍‌ସେଚନ୍ ବିଭାଗ୍‌ର କାର୍ଯ୍ୟାନ୍ୱୟନ ସମିତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବିଭାଗ୍‌ର ମାଇକ୍ରୋ କମାଣ୍ଡ୍ ଏରିଆ ଡେଭଲପ୍‌ମେଂଟ୍ କାର୍ଯ୍ୟକ୍ରମ୍‌ର କାର୍ଯ୍ୟାନ୍ୱୟନ୍, ଦେଖ୍‌ରେଖ୍ ଆଉ ତାଲ୍‌ମେଲ୍ ବାଗିର୍ ବିଷେଥି ଆଲୋଚନା କରିଛନ୍ ।

ଓଡ଼ିଆ ପକ୍ଷ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ ମହାବିଦ୍ୟାଲୟ ପରିସର୍ ନ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ସଂଗୀତ ଆଉ ତର୍କ ପ୍ରତିଯୋଗିତା ହେଇଯାଇଛେ । ମହାବିଦ୍ୟାଲୟର୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର୍ ପଣ୍ଡା କାର୍ଯ୍ୟକ୍ରମ୍‌ଥି ଅଧ୍ୟକ୍ଷତା କରିଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ବିଷେ ଉପ୍‌ରେ ତର୍କ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ କେତେଟା ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବୌଦ୍ଧ, କଲାହାଣ୍ଡି, ବଲାଙ୍ଗିର୍, ନୂଆପଡ଼ା ସହେତେ ରାଜ୍ୟର୍ ୨୪ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।